ଶନିବାର, ୧୪ ଜୁନ୍, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖେଳି ଖେଳି ହସ

ଦୁଇଭାଇ ବୁଲିବାକୁ ବାହାରିଲେ
ବଡ ଭାଇ: ଆରେ ଛୋଟୁ , ମୋ ଗାଡି ଚାବିଟା ଟେବୁଲ୍ ଉପରେ ଥୁଆ ହୋଇଥିଲା ଆଣିବାକୁ ଭୁଲିଗଲି , ଗଲୁ ଟିକେ ଦେଖିବୁ।
ସାନଭାଇ : ହଉ, ଘର ଭିତରକୁ ଦୌଡି ଯାଇ ଆସି କହିଲା ଚାବି ମୁଁ ଦେଖିଲି।
ବଡଭାଇ : ତୋତେ ଯଦି ଚାବି ଦେଖାଗଲା ଆଣିଲୁନି କାହିଁକି ? ଯା ଆଉଥରେ ଚାବି ଆଣିକି ଆସିବୁ।
ସାନଭାଇ: ହଉ ଭାଇ ଯାଉଛି।
ବଡଭାଇ : ଦେ ଚାବି
ସାନଭାଇ: ଭାଇ ହାତକୁ ମୋବାଇଲ୍ ଦେଇ କହିଲା- ଦେଖ ଭାଇ ଗାଡି ଚାବିର ଫଟୋ ମୁଁ ଉଠାଇ ନେଇ ଆସିଛି । ଦେଖ ମୋ କଥା ବିଶ୍ୱାସ କରୁନ ନା ଟେବୁଲ୍ ଉପରେ ହିଁ ଚାବି ଥୁଆ ହୋଇଛି।

ଜଣେ ବ୍ୟକ୍ତି ପାଣି ବୋତଲ ଖୋଲି ପିଇବା ଆରମ୍ଭ କରିବା ସମୟରେ ଜଣେ କବାଡିଆ ଆସି ସେ ବୋତଲକୁ ଚାହିଁ ରହିଲା। ଏହା ଦେଖି ବ୍ୟକ୍ତି ଜଣକ କହିଲେ ତୁମକୁ ପାଣି ଦରକାର।
କବାଡିଆ କହିଲା : ହଁ
ବ୍ୟକ୍ତି ଜଣକ କବାଡିଆକୁ ସଙ୍ଗେ ସଙ୍ଗେ ପାଣି ବୋତଲ ଦେଇଦେଲେ, କବାଡିଆ ବୋତଲ ନେଇ ସଙ୍ଗେ ସଙ୍ଗେ ସେଥିରେ ଥିବା ପାଣି ଢାଳି ତା' ଜରି ଥଳିଆରେ ଭର୍ତ୍ତି କରିଦେଲା। ଏହା ଦେଖି ବ୍ୟକ୍ତିଜଣକ ଆଶ୍ଚର୍ଯ୍ୟ !

# ଦୟାଳୁ ରାଜା




କନକପୁର ନାମରେ ଏକ ରାଜ୍ୟ ଥିଲା। ସେ ରାଜ୍ୟର ରାଜା ଥିଲେ ବୀରେନ୍ଦ୍ର ପ୍ରତାପ ଦେବ। ତାଙ୍କ ରାଜ୍ୟରେ ପ୍ରଜାମାନେ କିପରି ସୁଖ ଶାନ୍ତିରେ ବସବାସ କରିବେ ସବୁବେଳେ ସେ ଚିନ୍ତାରେ ରହୁଥିଲେ। ଗରିବ ଅସହାୟମାନଙ୍କୁ ସବୁବେଳେ ସାହାଯ୍ୟ କରୁଥିଲେ। ପ୍ରଜାମାନେ ମଧ୍ୟ ନିଜ ନିଜ ଭିତରେ କଳି ଝଗଡ଼ା ନ କରି ସୁଖରେ ଚଳୁଥିଲେ। ଥରେ ରାଜା ଘୋଷଣା କଲେ- ତାଙ୍କ ରାଜ୍ୟରେ କେହି ଜଣେ ହେଲେ ଭୋକିଲା ରହିବେ ନାହିଁ କି କେହି ଭିକ ମାଗିବେ ନାହିଁ। କଠିନ ପରିଶ୍ରମ କରୁଥିବା ବ୍ୟକ୍ତିଙ୍କୁ ରାଜା ପସନ୍ଦ କରୁଥିଲେ। ଅଳସୁଆ ଲୋକଙ୍କୁ ପସନ୍ଦ କରୁ ନ ଥିଲେ। ତାଙ୍କ ରାଜ୍ୟରେ ଅଧିକାଂଶ ପ୍ରଜା ଥିଲେ କୃଷକ। ଚାଷ କାର୍ଯ୍ୟର ଉନ୍ନତି ଦିଗରେ ନିଜେ ରାଜା ମଧ୍ୟ ଯତ୍ନବାନ୍ ଥିଲେ।

କିନ୍ତୁ ରାଜ୍ୟର ମନ୍ତ୍ରୀ ବୀରବାହୁ ରାଜାଙ୍କ ଅଜାଣତରେ ପ୍ରଜାଙ୍କୁ ଶୋଷଣ କରୁଥିଲେ। ରାଜାଙ୍କ ବିନା ଆଦେଶରେ କୃଷକଙ୍କଠାରୁ କର ଆଦାୟ କରୁଥିଲେ। ମନ୍ତ୍ରୀଙ୍କ ଅତ୍ୟାଚାରକୁ ମୁଣ୍ଡପାତି ସହି ଯାଉଥିଲେ ସମସ୍ତ ନିରୀହ କୃଷକ। ଏ ବିଷୟରେ ରାଜାଙ୍କୁ ଜଣାଇବା ପାଇଁ କାହାର ସାହସ ହେଉ ନ ଥିଲା।

ପ୍ରଜାଙ୍କ ସୁଖଦୁଃଖ ବୁଝିବା ପାଇଁ ଥରେ ରାଜା ସାଧାରଣ ପଥିକ ବେଶ ଧାରଣ କରି ରାଜ୍ୟ ପରିଭ୍ରମଣରେ ବାହାରିଲେ। ଖରା-ବର୍ଷା-ଶୀତକୁ ଖାତିର ନ କରି ସର୍ବଦା ଯେଉଁମାନେ ରାଜ୍ୟ ପାଇଁ ଖାଦ୍ୟ ଯୋଗାଉଛନ୍ତି ସେମାନଙ୍କ ବିଷୟରେ ଜାଣିବା ପାଇଁ ମନଟା ତାଙ୍କର ବ୍ୟାକୁଳ ହେଉଥିଲା। ପ୍ରଥମେ ରାଜା ଛୋଟ ଏକ ଗ୍ରାମ ପତ୍ରପାଲିରେ ଯାଇ ପହଞ୍ଚିଲେ। ସେ ଗାଁର ଚାଷ ଜମିରେ ଜଣେ କୃଷକ ଓ ତା'ର ସ୍ତ୍ରୀ ମନ ଲଗେଇ କାମ କରୁଥିବାର ଦେଖିବାକୁ ପାଇଲେ। ରାଜା ତାଙ୍କ ପାଖକୁ ଯାଇ କୃଷକଟିର ପିଠିରେ ହାତ ଥାପୁଡ଼ାଇ କହିଲେ-''କ୍ଷେତରେ ମନ ଲଗେଇ କଠିନ ପରିଶ୍ରମ କରୁଛ। ପରିଶ୍ରମର ଫଳ ତୁମକୁ ମିଳୁଛି ତ ?'' କୃଷକଙ୍କର ନାଁ ଥିଲା ନଟିଆ ପ୍ରଧାନ। ସେ କହିଲେ- '' ମୁଁ କାର୍ଯ୍ୟ କରିଯାଏ ଫଳକୁ କେବେ ଆଶା କରି ନ ଥାଏ। ପରିଶ୍ରମ ଯଦି ନ କରିବି ତେବେ ଧୀରେ ଧୀରେ ଅଳସୁଆ ହୋଇଯିବି। ମୋ ବଳଦମାନେ ବି ଅଳସୁଆ ହୋଇଯିବେ। ପେଟକୁ ଗଣ୍ଡେ ଦାନା ଯୋଗାଇବା ସହିତ ଆମ ରାଜ୍ୟକୁ ଠିକ୍ ସମୟରେ ଖାଦ୍ୟ ଯୋଗାଇ ପାରିବି ନାହିଁ। ଆମ ରାଜା ପ୍ରଜା ବତ୍ସଳ। ରାଜ୍ୟରେ ଉନ୍ନତ କୃଷି ପାଇଁ କୃଷକମାନଙ୍କୁ ବହୁତ ଉତ୍ସାହିତ କରୁଛନ୍ତି। '' ଦେଖୁ ଦେଖୁ ସନ୍ଧ୍ୟା ହୋଇଗଲା। କୃଷକଜଣକ ଛଦ୍ମବେଶୀ ରାଜାଙ୍କୁ ଅନୁରୋଧ କରି କହିଲେ- ଭାଇ ଆଜି ରାତିଟା ମୋ ଘରେ ରହିଯାନ୍ତୁ। ଅତିଥି ସେବା କରି ନିଜକୁ ମୁଁ ଧନ୍ୟ ମନେକରିବି। ରାଜା କୃଷକର କଥାରେ ରାଜି ହୋଇଗଲେ।

ସ୍ୱାମୀ ସ୍ତ୍ରୀ ଦୁହେଁ ସବୁ କାମଧନ୍ଦା ଛାଡ଼ି ଅତିଥି ସେବାରେ ଲାଗି ପଡ଼ିଲେ। ନଟିଆଙ୍କର ଅତିଥି ସେବାରେ ରାଜା ବହୁତ ଖୁସି ହୋଇଗଲେ। ରାଜା କୃଷକକୁ ପଚାରିଲେ- ଆଚ୍ଛା ଭାଇ କହିଲ ତମେ ରାଜକୋଷକୁ କେତେ କର ଦେଉଛ ?' ସେ ଧୀର ଗଳାରେ କହିଲେ- ଭାଇ କ'ଣ କହିବି ? ଚାଷରୁ ଯାହା ପାଉଛି, ସେଥିରୁ ଅଧା ଜଳକର, ଜମିକର ବାବଦକୁ ଯାଉଛି। ଧାନ ଅମଳ ନ ହେଉଣୁ କର ନେବା ପାଇଁ ମନ୍ତ୍ରୀ ଆସି ଘରେ ବସି ଯାଉଛି। ଆମ ରାଜା ଖୁବ୍ ଦୟାଳୁ, ଏହି କର ସମ୍ପର୍କରେ ସେ କିଛି ଜାଣି ପାରୁ ନାହାନ୍ତି। ସବୁକଥା ଶୁଣି ରାଜା କିଛି କହିଲେ ନାହିଁ। ତହିଁ ଆର ଦିନ ସକାଳୁ ଉଠି ଚାଲିଗଲେ। କିଛି ଦିନ ପରେ ରାଜା ଏକ ସଭା ଡକାଇ କହିଲେ- ମୋ ବିନା ଅନୁମତିରେ କିଏ ରାଜ୍ୟର କୃଷକମାନଙ୍କ ଠାରୁ ଅନ୍ୟାୟ ଭାବେ କର ଆଦାୟ କରୁଛି, ମୁଁ ଜାଣି ସାରିଛି। ସମସ୍ତେ ଚୁପ୍ ରହିଥାନ୍ତି। କାହା ମୁହଁରୁ କିଛି କଥା ବାହାରୁ ନ ଥାଏ। କିଛି ସମୟ ପରେ ମନ୍ତ୍ରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ରାଜା କହିଲେ-ମୋ ନାମରେ ତୁମେ ରାଜ୍ୟର ନିରୀହ କୃଷକଙ୍କଠାରୁ ଅନ୍ୟାୟ ଭାବେ କର ଆଦାୟ କରିଛ। ସତକଥାଟା କ'ଣ ମୁଁ ଜାଣି ପାରିଛି। ଏହାର ଦଣ୍ଡ ସ୍ୱରୂପ ତୁମକୁ ମନ୍ତ୍ରୀ ପଦରୁ ବହିଷ୍କାର କରାଗଲା ଓ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା। ମନ୍ତ୍ରୀ ରାଜାଙ୍କ ପାଦ ତଳେ ପଡ଼ି ଯେତେ ନେହୁରା ହେଲେ ବି ରାଜା ତାଙ୍କର କୌଣସି କଥା ଶୁଣିଲେ ନାହିଁ। କୃଷକମାନଙ୍କର ସମସ୍ତ କର ଛାଡ଼ କଲେ ରାଜା। ଦୟାଳୁ ରାଜାଙ୍କ ଜୟ ହେଉ ବୋଲି ନାରା ଦେଇ ସମସ୍ତେ ଖୁସିରେ ନାଚିଉଠିଲେ।

– ରମେଶ ପ୍ରସାଦ ମେହେର
ବାବୁସାହି, ବୌଦ୍ଧ
ମୋ: ୯୯୩୮୬୦୮୧୫୮

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଉପକାରୀ ପାନ

ରଜ ପର୍ବ ଆସିଲେ ସମସ୍ତଙ୍କର ମନେପଡେ ରଜପାନ କଥା। ଏହାର ଏକ ବିଶେଷ ଆକର୍ଷଣ ରହିଥାଏ। ପରମ୍ପରା ଓ ସଂସ୍କୃତି ସହିତ ଯୋଡି ହୋଇ ରହିଥିବା ଏହି ପତ୍ରର କିନ୍ତୁ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।



- ପାନ ପତ୍ର ଖାଇଲେ ହଜମ ଶକ୍ତି ବୃଦ୍ଧି ପାଇଥାଏ। ପେଟ ଫୁଲିବା ଓ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ୍ୟ ଏହା ଅନେକାଂଶରେ ଦୂର କରିଥାଏ।
- ଏଥିରେ ଆଣ୍ଟିବ୍ୟାକ୍ଟେରିଆ ଗୁଣ ଥିବାରୁ ଏହା ପ୍ରଭାବରେ ପାଟିର ଦୁର୍ଗନ୍ଧ ଦୂର ହୁଏ ଓ ମାଢିର ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। ପାନ ପତ୍ର ଚୋବାଇଲେ ପାଟିରୁ ଏକପ୍ରକାର ଲାଳ ସୃଷ୍ଟି ହୁଏ ଯାହା ପାଟିକୁ ପରିଷ୍କାର କରିଥାଏ।
- ଏହି ପତ୍ରରେ କଫ ନିରୋଧକ ତତ୍ତ୍ୱ ରହିଛି। ତେଣୁ କାଶ, ଥଣ୍ଡା, ବ୍ରୋଙ୍କାଇଟିସ୍ ଏବଂ ଆସ୍ଥମା ଭଳି ବିଭିନ୍ନ ସମସ୍ୟାରୁ ମଧ୍ୟ କିଛି ପରିମାଣରେ ମୁକ୍ତି ମିଳିଥାଏ।
- ପାନ ପତ୍ରର ଆଣ୍ଟିମାଇକ୍ରୋବାୟଲ୍ ଏବଂ ଆଣ୍ଟି ଇନଫ୍ଲାମେଟୋରୀ ଗୁଣ ଯୋଗୁଁ ମାଢିର କ୍ଷତ ଭଲ ହୁଏ ଓ ସଂକ୍ରମଣକୁ ରୋକାଯାଇପାରେ।
- ପାନ ପତ୍ରର ହାଲୁକା ଉତ୍ତେଜକ ଗୁଣ ପ୍ରଭାବରେ ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ। ଅର୍ଥାତ ଚିନ୍ତା ଏବଂ ଅବସାଦର ଏକ ପ୍ରାକୃତିକ ଉପଚାର ଭଳି କାମ କରିଥାଏ।
- ପାନ ପତ୍ରରେ ଥିବା ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଶରୀରକୁ ସଂକ୍ରମଣରୁ ରକ୍ଷା କରେ।
- ଅଧ୍ୟୟନରୁ ଜଣାପଡିଛି ଯେ ପାନ ପତ୍ର ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଫଳରେ ମଧୁମେହ ରୋଗୀଙ୍କ ପାଇଁ ଏହା ବହୁତ ଭଲ।
- ଏହାର ଆଣ୍ଟିଅକ୍ସିଡାଣ୍ଟ ଗୁଣ କୋଲେଷ୍ଟରଲ୍ ସ୍ତରକୁ ହ୍ରାସ କରିଥାଏ ଏବଂ ହୃଦରୋଗର ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ।
- ଖାଇବା ପରେ ପାନ ପତ୍ର ଚୋବାଇ ଖାଇଲେ ଭୋକ କମ୍ ହୁଏ। ଫଳରେ ଏହା ଓଜନ ହ୍ରାସ କରିବାରେ ସହାୟକ ହୋଇପାରେ।
- ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ସ୍କିନ୍‌ର ବିଭିନ୍ନ ସମସ୍ୟା ଦୂର କରି ଅଧିକ ଉଜ୍ଜ୍ୱଳ କରିଥାଏ।

## ମତାମତ

▸▸ ଜଣା ଅଜଣା ସ୍ତମ୍ଭରେ ପ୍ରକାଶିତ ଗଭୀରତମ ନଦୀ ବିଷୟରେ ପଢ଼ି ଜାଣିବାକୁ ପାଇଲି କେଉଁ ନଦୀର ଗଭୀରତା କେତେ।
–ନୀହାର ସାହୁ, ରାଜକନିକା, କେନ୍ଦ୍ରାପଡ଼ା

▸▸ ଖେଳିଖେଳି ହସରେ ପ୍ରକାଶିତ ହସକଥାଗୁଡିକ ପଢ଼ିବାକୁ ମଜା ଲାଗୁଛି।
–ରାହୁଲ ସ୍ୱାଇଁ, ନିଆଳି, କଟକ

▸▸ ଆଇନାରେ ପ୍ରାଦନ୍ୟାଙ୍କ ଫଟୋ ଖୁବ୍ ସୁନ୍ଦର ହୋଇଥିଲା।
–ବନମାଳୀ ବେହେରା, ସୁନାବେଡା, କୋରାପୁଟ


## ରଙ୍ଗ ଦିଅ



ଆଜି ପହିଲି ରଜ। ବିଶେଷଭାବରେ ଝିଅମାନଙ୍କର ଏହି ପର୍ବକୁ ଆମ ରାଜ୍ୟରେ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ। ଏହି ଦିନକୁ ସେମାନେ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଆନ୍ତି। କେମିତି ରଜ ଆସିବ ଆଉ ସେହି ତିନି ଦିନର ମଜା ନେବେ, ସେଥିପାଇଁ ପ୍ରାୟ ଅନେକ ଝିଅ ପୂର୍ବରୁ ଯୋଜନା ପ୍ରସ୍ତୁତ କରିସାରିଥାଆନ୍ତି। ଯେହେତୁ ସ୍କୁଲ ଛୁଟି ଥାଏ ଏବଂ ପାଠ ପଢ଼ା କିମ୍ବା ପରୀକ୍ଷା ଟେନ୍‌ସନ ନ ଥାଏ ତେଣୁ ଏହି ପର୍ବର ସେମାନେ ଭରପୂର ମଜା ଉଠାଇଥାଆନ୍ତି। ରଜ ପୂର୍ବରୁ ନୂଆ ଡ୍ରେସ ଏବଂ ସଜ ହେବା ସାମଗ୍ରୀ କିଣା ସରିଥାଏ। ଅପେକ୍ଷା କରିଥାଆନ୍ତି କେତେବେଳେ ସେହି ଉତ୍କଣ୍ଠାର ଦିନ ଆସିବ। ଦୋଳି ଖେଳ, ବୁଲାବୁଲି, ପିଠା, ପାନଖିଆ ସାଙ୍ଗକୁ ଲୁଡୁ ଖେଳର ଆସର ଜମିଥାଏ। ଏଥର ରଜକୁ ସେମାନେ କିପରି ପାଳିବା ପାଇଁ ସ୍ଥିର କରିଛନ୍ତି ସେ ସମ୍ପର୍କରେ........

ଦେଖୁ ଦେଖୁ ଆସିଗଲା ରଜ। ମନରେ ଅପାର ଆନନ୍ଦ। କେମିତି ନୂଆ ପୋଷାକ ପିନ୍ଧି ରଜ ପାଳିବୁ। ସାଙ୍ଗସାଥୀ ଏକାଠି ହୋଇ ଦୋଳି ଖେଳିବୁ ଆଉ ଏହି ପର୍ବର ଭରପୂର ମଜା ନେବୁ। ଏଥର ରଜକୁ କିପରି ପାଳିବେ ସେ ବିଷୟରେ କେତେଜଣ ଛାତ୍ରୀଛାତ୍ର ଯାହା କହନ୍ତି...







# ଆସିଛି ରଜ

## ଦୋଳି ଖେଳିବି



ପ୍ରତିବର୍ଷ ରଜକୁ ମୁଁ ଆଗ୍ରହର ସହ ଅପେକ୍ଷା କରିଥାଏ। କେମିତି ଏହି ଦିନ ଆସିବ। ତେଣୁ ଏହାର କିଛି ଦିନ ପୂର୍ବରୁ ଏଥିରେ ଏମିତି ହଜିଯାଏ ଯେ ମୋତେ ଭଲ ଭାବରେ ନିଦ ହୁଏନା। ଏଥର ରଜକୁ ମୁଁ ବେଶ୍ ଧୁମଧାମରେ ପାଳନ କରିବି। ପ୍ରଥମେ ତିନି ଦିନ ଦୋଳି ଖେଳ ହେବ। ସାଙ୍ଗସାଥୀ ଏକାଠି ହୋଇ ଦୋଳି ଖେଳିବୁ। ଦୋଳି ଗୀତ ମଧ୍ୟ ଅଭ୍ୟାସ କରିନେଇଛୁ। ତା'ସହ ପାଖ ଗାଁକୁ ବୁଲିବାକୁ ଯିବୁ। ସେଠାରେ ମଧ୍ୟ ମୋର ସାଙ୍ଗ ପିଲା ଅଛନ୍ତି। ସେମାନଙ୍କ ସହ ରଜର ମଜା ନେବି। ଘରେ ତ ପିଠାପଣାର ଆସର ହେବ। ପିଠା ଖିଆ ସାଙ୍ଗକୁ ବୁଲାବୁଲି ଆଉ ଦୋଳି ଖେଳ-ରଜର ମଜାକୁ ନିଶ୍ଚୟ ଦ୍ୱିଗୁଣିତ କରିଦେବ।

**-ଶ୍ୱେତପଦ୍ମା ଦାଶ**, କ୍ଲାସ-୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ବାଲୁଖଣ୍ଡ,ପୁରୀ



## ଏଥର ବୁଲାବୁଲି ହେବ



ପ୍ରତିବର୍ଷ ରଜକୁ ମୁଁ ବେଶ୍ ଧୁମଧାମରେ ପାଳନ କରିଥାଏ। ପହିଲି ରଜ ଦିନ ଭୋରରୁ ଉଠି ଗାଧୋଇ ପାଧୋଇ ନୂଆ ଡ୍ରେସ୍ ପିନ୍ଧେ। ସଜବାଜ ହୋଇ ବାହାରିଯାଏ ବୁଲିବାକୁ। ମୁଁ ଏବଂ ମୋର କେଇଜଣ ସାଙ୍ଗ ରଜରେ ବୁଲାବୁଲି କରିବାକୁ ସ୍ଥିର କରିଛୁ। ଆମ ଗାଁ ମୁଣ୍ଡରେ ରଜ ମେଳଣ ହୁଏ। ସେଠାକୁ ବୁଲିବାକୁ ନିଶ୍ଚୟ ଯିବୁ। ସେଠାରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଆମେ ପୁଚିଖେଳ ଏବଂ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସ୍ଥିର କରିଛୁ। ଏଥର ରଜରେ ଆମେ ଏକ ଭୋଜି କରିବାକୁ ମଧ ଯୋଜନା କରିଛୁ। ଘରେ ତ ପିଠା ହେବ। ପିଠା ଖିଆ ସାଙ୍ଗକୁ ଦୋଳି ଖେଳ ଆଉ ବୁଲାବୁଲିରେ ଏଥର ରଜ ବେଶ୍ ମଜାରେ କଟିଯିବ।

**-ଆଦ୍ୟାଶା ମହାନ୍ତି**, କ୍ଲାସ-୭, ସେଣ୍ଟ ଜୋଶେଫ୍ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର

## ପୁରୀ-କୋଣାର୍କ ବୁଲିବାକୁ ଯିବି



ରଜର ପ୍ରଥମ ଦିନରେ ପୁରୀ-କୋଣାର୍କ ବୁଲିଯିବି। ଏ ନେଇ ଆମ ପରିବାର ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଜରେ ପ୍ରଥମେ ତିନି ଠାକୁରଙ୍କ ଦର୍ଶନ କରି ସେମାନଙ୍କର ଆଶୀର୍ବାଦ ନେବି। କେମିତି ମୋର ପାଠପଢ଼ା ଭଲ ହେବ ସେ ନେଇ ମୁଁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିବି। ଏଥର ରଜରେ ଧୁମ୍ ଦୋଳିଖେଳ ହେବ। ଆମ ଗାଁରେ ସାଙ୍ଗମାନଙ୍କ ସହ ମିଶି ବୁଲିବି ଏବଂ ଦୋଳି ଖେଳର ମଜା ନେବି। ପ୍ରତିବର୍ଷ ରଜରେ ଆମ ସାଙ୍ଗମାନଙ୍କ ମଧ୍ୟରେ ଲୁଡୁ ପ୍ରତିଯୋଗିତା ହୁଏ। ଏଥିରେ ନିଶ୍ଚୟ ଭାଗ ନେବି। ରଜରେ ମାମୁଘରକୁ ବୁଲିଯିବାର ମଧ୍ୟ ଯୋଜନା ରହିଛି। ରଜ ପରେ ତ ସ୍କୁଲ ଖୋଲିଯିବ। ତେଣୁ ଏଥର ରଜର ଭରପୂର ମଜା ନେବି।

**-ସୌମ୍ୟାଶ୍ରୀ ପ୍ରଧାନ**, କ୍ଲାସ-୯, ସିଠାଲୋ ଉଚ୍ଚ ବିଦ୍ୟାଳୟ,କଟକ


## ରଜ ସବୁବେଳେ ମୋ ପାଇଁ ସ୍ୱେଶାଲ




ସତ କଥା କହିବାକୁ ଗଲେ ସବୁ ପର୍ବ ମଧ୍ୟରେ ରଜ ମୋତେ ଭାରି ଭଲ ଲାଗେ। କାରଣ ଏହାର ମଜା ମୋତେ ଆଉ କୌଣସି ପର୍ବରେ ମିଳି ନ ଥାଏ। ଏହି ସମୟରେ ଗାଁର ପରିବେଶ ଏକ ନୂଆ ରୂପ ନେଇଥାଏ। ଯୁଆଡ଼େ ଦେଖିବ ଦୋଳି, ବିଭିନ୍ନ ପ୍ରକାର ଖେଳ। ତା'ସହ ଘରେ ଘରେ ପିଠାପଣାର ଆସର ମଧ୍ୟ ଜମେ। ସବୁ ରଜ ମୋ ପାଇଁ ସ୍ୱେଶାଲ। ଏହି ତିନି ଦିନ ମୋତେ ଲାଗେ ସତେଯେମିତି ମୁଁ ଏକ ଅଲଗା ଦୁନିଆରେ ଅଛି। ନୂଆ ଡ୍ରେସ ସାଙ୍ଗକୁ ସଜବାଜ ରଜର ମାହୋଲକୁ ଆହୁରି ରଙ୍ଗିନ କରିଦିଏ। ଏଥର ରଜରେ ମୁଁ ଦୋଳି ଖେଳର ମଜା ନେବି। ତା'ସହ ସାଙ୍ଗମାନଙ୍କ ସହ ମିଶି ପୁଚି ଏବଂ ଲୁଡୁ ଖେଳିବି। ରଜ ପିଠା ଏବଂ ପାନର ମଜା ନେବି। ଏଥର ରଜ କିପରି ମୋ ପାଇଁ ସବୁ ରଜ ପରି ସ୍ୱେଶାଲ ହେବ ବୋଲି ଆଶା ରଖିଛି।

**-ରୁଦ୍ରନାରାୟଣ ସାହୁ**,କ୍ଲାସ-୭, ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟ, ଜଗତ୍‌ସିଂହପୁର





୧


୨




୩


୮


୪


୫


୬


୭



୯


୧ ସିଦ୍ଧାର୍ଥ ତ୍ରିପାଠୀ
କ୍ଲାସ– ୪, ବିଜେବି ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର


୨ ମନଷା ନାୟକ
କ୍ଲାସ– ୩, ମଦର୍ସ ପବ୍ଲିକ ସ୍କୁଲ, ପାହାଳ, ଭୁବନେଶ୍ୱର


୩ ରାଜଶ୍ରୀ ସାମନ୍ତରାୟ
କ୍ଲାସ– ୩, ସନରାଇଜ୍ ପବ୍ଲିକ ସ୍କୁଲ, ବରମୁଣ୍ଡା, ଭୁବନେଶ୍ୱର


୪ ଶୁଭଲକ୍ଷ୍ମୀ ପାଣି
କ୍ଲାସ– ୪, ଲିଟିଲ ଷ୍ଟାର ଇଂଲିଶ ମିଡିୟମ ସ୍କୁଲ, ଖୋର୍ଦ୍ଧା


୫ ଶ୍ରୀଦିକଶା ଦେହୁରୀ
କ୍ଲାସ– ୧, ସେଣ୍ଟ ଜନ୍ ସ୍କୁଲ, ବୌଦ୍ଧ


୬ ମୟଙ୍କ ପଟ୍ଟନାୟକ
କ୍ଲାସ– ୭, ଗୁଡ୍ ସେଫର୍ଡ ସ୍କୁଲ, କୋଲକାତା


୭ ଦିବ୍ୟାଂଶୀ ମିଶ୍ର
କ୍ଲାସ– ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାକଟପୁର, ପୁରୀ


୮ ବୈଷ୍ଣବୀ ମିଶ୍ର
କ୍ଲାସ– ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ଖୋର୍ଦ୍ଧା


୯ ଚିକିରଞ୍ଜନ ନାଏକ
କ୍ଲାସ–୮, ରାଇକମା ଆଶ୍ରମ ସ୍କୁଲ, ବଇଶିଙ୍ଗା, ମୟୂରଭଞ୍ଜ


୧୦ ଜୟେଶ ତ୍ରିପାଠୀ
କ୍ଲାସ– ୨, ଓଡିଏମ୍ ଇଣ୍ଟର ନ୍ୟାସନାଲ ସ୍କୁଲ, ଅନୁଗୋଳ


୧୦





ବରଷକ ପରେ ଆସିଛି ରଜ
କୁନା କୁନି ମୁନି ହୋଇବେ ସଜ ।
ନୂଆ ଜାମା ପିନ୍ଧି ଖେଳିବେ ଦୋଳି
ବଣରୁ ତୋଳିବେ ବଇଁଚ କୋଳି ।
ପାଦରେ ଅଳତା ମୁଣ୍ଡରେ ଚିତା
କେଶରେ ଉଡୁଛି ରିବନଫିତା ।
ପୋଡ଼ପିଠା ଖାଇ ହୋଇବେ ଖୁସି
ମାମୁଘର ଯିବ ଆମରି ଲୁସି ।
ମାଇଁ ତା' ବାଟକୁ ରହିଚି ଚାହିଁ
ତାଙ୍କ ସେନେହର ତୁଳନା କାହିଁ ?
କାହାଣୀ କହିବେ ଆଈ ଓ ଅଜା
ନାତୁଣୀ ସାଙ୍ଗରେ କରିବେ ମଜା ।
ଖୁସିର ଜୁଆର ସବୁଠି ଛୁଟେ
ରଜ ତିନିଦିନ ହରଷେ କଟେ ।

– ପ୍ରଫୁଲ୍ଲ ଚନ୍ଦ୍ର ବାରିକ
ବେଦବ୍ୟାସ, ରାଉରକେଲା
ମୋ: ୯୦୯୦୩୩୦୮୫୯

## ଆସିଛି ରଜ

ଜ୍ୟେଷ୍ଠ ଅଧାରୁ ଖରା ତାତିରୁ
ମିଳିଲା ଟିକେ ତ୍ରାହି,
ଏବେ ତପନ ଉତ୍ତରାୟଣ
ରଜ ପରବ ପାଇଁ ।
ଭାରି ବଡ଼ିଆ ରଜ ଭଳିଆ
ନାହିଁ ପରବଟିଏ,
ସବୁରି ଘରେ ପୋଡ଼ପିଠାରେ
ଆସର ଜମିଯାଏ ।
ରଜ ଦୋଳିକେ ଝୁଲିଲେ ଥରେ
ଖେଳିବା ନିଶା ଘାରେ,
ଆମ୍ବ ପଣସ ଅପୂର୍ବ ବାସ
ଭୋଜନ ତୃପ୍ତି ଭରେ ।
ରଜ ପରବ ପୁଣ୍ୟ ଉତ୍ସବ
ଭୁଲି ପାରିବା ନାହିଁ,
ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁ ମିଳନ
ବାରତା ଯାଏ କହି ।

–ବସନ୍ତ ଦାସ
ମୋ: ୯୦୭୮୩୩୦୩୭୯



## ଆନନ୍ଦେ ପାଳିବା ରଜ

ବରଷେ ଥରେ ଆସିଛି ରଜ
ଖେଳିବା ଆମେ ଦୋଳି
କରିବା କେତେ ରଜ ମଉଜ
ହୋଇଣ ସାଙ୍ଗ ମେଳି
ରଜ ପାନକୁ ଖାଇ ସଭିଏ
ପାଟି କରିବା ନାଲି
ଖେଳିବା ଦୋଳି ତୋଟାର ମାଳେ
ଭେଦ ଭାବକୁ ଭୁଲି
ପିଠା ମିଠା ଯେ ହୁଅଇ କେତେ
ଓଡିଆ ଘରେ ଘରେ
ପୋଡପିଠାର ଆଦର ଲଭେ
ଏହି ରଜ ପର୍ବରେ
ତିନି ଦିନର ରଜ ପରବ
ଆନନ୍ଦେ କଟିଯିବ
ସାହି ପଡ଼ିଶା ମୁଲକ ସାରା
ଗୀତରେ ଚହଲିବ
ଆମେ ଓଡ଼ିଆ ଭାରି ବଢିଆ
ପରବ ସବୁ ପାଳି
ରହିଛୁ ପୁଣି ରହିବା ଆମେ
ଏକାଠି ହୋଇ ମେଳି

– ଦୀପାଳି ଦୀପାନ୍ୱିତା ସିଂହ
ସିମିନଇ, ଢେଙ୍କାନାଳ
ମୋ: ୭୬୦୦୯୦୦୪୮୯୬

## ରଜ ତ ଅଟଇ

ରଜ ତ ଅଟଇ ଆମ ରାଇଜର
ଜଣାଶୁଣା ଗଣ ପରବ,
ତାର ଆଗମନେ ପ୍ରତି ଓଡ଼ିଆଙ୍କ
ମନେ ଭରି ଯାଏ ଗରବ ।
ସାରା ଓଡ଼ିଶାରେ ତିନିଦିନ ଧରି
ରାଜୁତି କରଇ ରଜଟି,
ଗାଉ ଗାଉ ରଜ ଗୀତକୁ ହରଷେ
ମନେ ପଶି ଆସେ ଗଜଟି ।
ପହିଲି ରଜଠୁ ରଜ ସଂକ୍ରାନ୍ତି
ଲାଗିଥାଏ ବେଶି ସରସ,
ଭୂମିଦାହ ଦିନ ଖାଲି ପାଦେ ଝିଅ
ନକରନ୍ତି ଭୂମି ପରଶ ।
ଝିଅ ଖେଳିଥାନ୍ତି ଦୋଳି ଆଉ ପୁଚି
ପୁଅ ଲୁଡୁ ତାସ୍ ବାଗୁଡ଼ି,
ଗାଈଗୋରୁ ମନଖୁସିରେ ବୁଲନ୍ତି
ବେକରେ ସାଜଇ ଘାଗୁଡ଼ି ।
ତତଲା ମାଟିରେ ପହିଲି ବରଷା
ଶୀତଳ ପରଶ ଦିଅଇ,
ରଜ ପୋଡ଼ପିଠା ସାଥେ ରଜ ପାନ
ମନକୁ ତ ମୋହି ନିଅଇ ।

– ପ୍ରଦୀପ୍ତ କୁମାର ଦାସ
ମୋ: ୮୫୯୪୮୮୫୮୯୮

## ବାପା ପରି କିଏ ହେବେ

ବାପା ପରି କିଏ ହେବେ
ସେନେହ ଆଦର ପଢୁଥିବ ଝରି
ହସି ଦେଉଥିବେ ଯେବେ ।

ଗହଳ ଚହଳ ଲୋକଙ୍କ ଭିତରେ
ହାତଟିକୁ ଧରି ଥିବେ ।
ନଇଁପଡି ଧୀରେ ନାଉ କରି ନିଜେ
ବାଟ ପରା ଚାଲୁଥିବେ ।

କାନ୍ଧରେ ବସେଇ ଆକାଶକୁ ଚାହିଁ
ଜହ୍ନ ପୁଣି ତୋଳୁଥିବେ ।
ବାହାରେ କଠୋର ଭିତରେ କୋମଳ
ମନଟିଏ ତାଙ୍କ ଥିବ ।

ବିପଦ ବେଳାରେ ଘର ଛାତ ଭଳି
ପାଖେ ପାଖେ ସିଏ ଥିବେ ।
ଦୁଃଖ ସବୁ ଯେତେ ନିଜ ହାତେ ପିଇ
ହସଖୁସି ବାଣ୍ଟୁଥିବେ ।

– ଶରତ କୁମାର ଦାସ
ବଡବିଲ , କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ଏଥରର

- କେଉଁ ଦୁଇଟି ମହାସାଗର ଆମ ଦେଶ ଭାରତର ଚାରିପଟରେ ରହିଛି ?
- ସବୁଠୁ ଗଭୀରତମ ମହାସାଗରର ନାମ ?
- କେଉଁ ମହାଦେଶରେ ଆମ ଦେଶ ଭାରତ ରହିଛି ?
- ଜଙ୍ଗଲର ରାଜା କାହାକୁ କୁହାଯାଏ ?
- ଭାରତର ଜାତୀୟ ପଶୁ କାହାକୁ କୁହାଯାଏ ?

## ଗତଥରର ଉ ତ ର

- ଅଗଷ୍ଟସ୍
- କ୍ରୋଆସିଆ
- ମୁମ୍ବାଇ
- ବୃହସ୍ପତି
- ୮୮

## କହିଲ ଦେଖି

ଏମିତି ଅଟଇ ପରବଟିଏ
ଜ୍ୟେଷ୍ଠ ଅନ୍ତରେ ଧରାକୁ ଛୁଏଁ
ଗାଆଁ ପିଲାଙ୍କ ହୁଅଇ ମେଳି
ଝିଅ ପିଲାଏ ଖେଳନ୍ତି ଦୋଳି
କବାଡି ଖେଳନ୍ତି ଗାଆଁ ଯୁବକ
ଚାଷକୁ ବିରାମ ଦିଏ କୃଷକ
ଓଡିଶାର ମୁଖ୍ୟ ପରବ ସିଏ
ନାମଟି ତାହାର କହିବ କିଏ ?
ଉ– ରଜ




ପତର ଉପରେ ଚୂନ ଖଇର
ଗୁଆ ଧଣିଆ ଚମନ୍‌ମାର
ପାନମହୁରିକୁ ମିଠା ଦରବ
ଖୋଜନ୍ତି ଆସିଲେ ରଜ ପରବ
ମୋଡନ୍ତି ତାକୁ ତ୍ରିଭଙ୍ଗୀ କରି
ଉପରେ ଏକ ଲବଙ୍ଗମାରି
ଓଠ ନାଲିହୁଏ ତାକୁ ଖାଇଲେ
ନାମ ତା'ର ଦେଖି କହିଲ ପିଲେ ?
ଉ– ରଜପାନ



ରଜ ପରବ ଆସଇ ଯେବେ
ଗଛରେ ସିଏ ଝୁଲଇ ତେବେ
କୁଆଁରୀ ଝିଅ ସଜେଇ ହୋଇ
ଖେଳନ୍ତି ମିଶି ସେଠାକୁ ଯାଇ
ଗାଆଁ ମୁଣ୍ଡ ବର ଗଛରେ
ଝୁଲଇ ସିଏ କେତେ ଖୁସିରେ
ଦେଖିବାକୁ ତାହା ଭାରି ସୁନ୍ଦର
କିଏ ସେ କହିବ ନାମଟି ତା'ର ?
ଉ– ରଜଦୋଳି



ପାରମ୍ପରିକ ଏକ ପିଠାଟି ସିଏ
ଚାଉଳଚୂନାରେ ତିଆରି ହୁଏ
ଗୁଡ଼ ଓ ନଡ଼ିଆ ସେଥିରେ ମିଶେ
କଡେଇରେ ପଶି ଚୁଲିରେ ବସେ
ଢାଙ୍କି ଦିଅନ୍ତି ତାକୁ ପତର ଦେଇ
ଜଳନ୍ତା ଅଙ୍ଗାର ଉପରେ ଥୋଇ
ଜଗନ୍ନାଥଙ୍କର ପ୍ରିୟ ପିଠାଟି ସିଏ
ନାମଟି ତାହାର କହିବ କିଏ ?
ଉ– ପୋଡ଼ପିଠା



– ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳ ହାଟ, ଯାଜପୁର
ମୋ: ୮୩୧୦୦୩୨୮୩୪୫



# ଦର୍ପଣରେ ରାବଣର ବିଭ୍ରମତା

ମୁନା ସେଦିନ ବାପାଙ୍କ ସାଙ୍ଗରେ ବିଜ୍ଞାନ କେନ୍ଦ୍ର ବୁଲି ଯାଇଥାଏ । ସେ ବିଜ୍ଞାନ ଗ୍ୟାଲେରି ସବୁ ବୁଲୁ ବୁଲୁ ଗୋଟିଏ ପ୍ରଦର୍ଶନୀ ପାଖରେ ଅଟକିଗଲା । ଏଠାରେ ଶୀର୍ଷକରେ ଲେଖାଥିଲା ଏ 'ରାବଣ' । ମୁନା ବାପାଙ୍କୁ ପଚାରିଲା, ''ବାପା, ରାବଣ ତ ଲଙ୍କାର ରାଜା ପୁଣି ସେ ଏକ ପୌରାଣିକ ଚରିତ୍ର । ତେବେ ଏଠାରେ ରାବଣ ଲେଖାଯାଇଛି କାହିଁକି ?'' ବାପା କହିଲେ, ''ତୁ ଭୂମିରେ ଅଙ୍କିତ ଏଇ ପଦଚିହ୍ନ ଉପରେ ଛିଡ଼ା ହୋଇ ସମ୍ମୁଖରେ ଥିବା ବକ୍ରାକୃତି ଦର୍ପଣ ସମୂହକୁ ଦେଖେ । ତୋ'ର ରାବଣ ଭଳି ଦଶଟି ମୁଣ୍ଡ ଦେଖାଯିବ ।''

ମୁନା ବାପାଙ୍କ କଥାରେ ପରତେ ନ ଯାଇ ପଦଚିହ୍ନ ଉପରେ ଛିଡ଼ା ହେଲା । ସମ୍ମୁଖରେ ଏକ ବକ୍ରାକୃତି ପୃଷ୍ଠ ଉପରେ ଦଶଟି ଦର୍ପଣ ଖଞ୍ଜା ଯାଇଥିଲା । ସେ ସେହି ଦର୍ପଣ ସମୂହରେ ନିଜର ପ୍ରତିବିମ୍ବ ଦେଖିଲା । ସତକୁ ସତ ଦଶଟି ଦର୍ପଣରେ ରାବଣ ଭଳି ତା'ର ଦଶଟି ମୁଣ୍ଡ ଦେଖାଗଲା । ସେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ପ୍ରକଳ୍ପଟିର ନାମ କାହିଁକି 'ରାବଣ' ଦିଆଯାଇଛି, ତାହା ଏବେ ବୁଝିପାରିଥିଲା। ସେ ଆଶ୍ଚର୍ଯ୍ୟ ହୋଇ ବାପାଙ୍କୁ ପଚାରିଲା, ''ବାପା, ସମତଳ ଦର୍ପଣରେ ତ ବସ୍ତୁର କେବଳ ଗୋଟିଏ ମାତ୍ର ପ୍ରତିବିମ୍ବ ଦେଖାଯିବା କଥା ; ମାତ୍ର ଏଠାରେ ଦଶଟି ପ୍ରତିବିମ୍ବ ଦେଖାଯାଉଛି କିପରି ?'' ବାପା କହିଲେ, ''ଭଲ ପ୍ରଶ୍ନଟିଏ ପଚାରିଲୁ, ବୁଝାଇ କହୁଛି ଶୁଣ। ତୁ ଯେଉଁ ଦର୍ପଣରେ ତୋର ପ୍ରତିବିମ୍ବ ଦେଖିଲୁ ତାହା ପ୍ରକୃତରେ ଗୋଟିଏ ମାତ୍ର ଦର୍ପଣ ନୁହେଁ ; ତାହା ଦଶଟି ଛୋଟ ଛୋଟ ସମତଳ ଦର୍ପଣର ସମାହାର। ସେ ଦଶଟି ସମତଳ ଦର୍ପଣକୁ ଗୋଟିଏ ବକ୍ରାକୃତି ପୃଷ୍ଠ ଉପରେ ଏପରି ଭାବେ ଖଞ୍ଜାଯାଇଛି ଯେପରି ଦର୍ଶକ ତା'ର କେନ୍ଦ୍ରଠାରେ ଛିଡ଼ା ହୋଇ ନିଜର ପ୍ରତିବିମ୍ବ ଦେଖିପାରିବ। ତୁ ଏହି ଦର୍ପଣ ସମୂହ ସମ୍ମୁଖରେ ଛିଡ଼ା ହେଲେ ଏହି ଦର୍ପଣଗୁଡ଼ିକ ପାଇଁ ତୁ ଏକ ବସ୍ତୁ ସଦୃଶ ଆଚରଣ କରିଥାଉ। ଏହି ଦର୍ପଣଗୁଡ଼ିକ ଏକ ବକ୍ରାକୃତି ପୃଷ୍ଠ ଉପରେ ଖଞ୍ଜା ଥିବାରୁ ସେମାନେ ବସ୍ତୁଠାରୁ ଅଲଗା ଅଲଗା କୋଣରେ ରହିଥା'ନ୍ତି । ତୋ ମୁହଁରୁ ଆଲୋକ ରଶ୍ମି ଯାଇ ଏହି ଦର୍ପଣଗୁଡିକ ଉପରେ ପଡ଼ି ପ୍ରତିଫଳିତ ହୋଇଥାଏ । ଦର୍ପଣରୁ ଏହି ପ୍ରତିଫଳିତ ରଶ୍ମି ତୋ ଚକ୍ଷୁରେ ପ୍ରବେଶ କଲେ ତୁ ଦର୍ପଣଗୁଡ଼ିକରେ ନିଜ ମୁହଁର ପ୍ରତିବିମ୍ବ ଦେଖିଥାଉ ଏବଂ ଦର୍ପଣଗୁଡ଼ିକରେ ତୋ ମୁହଁର ପ୍ରତିବିମ୍ବ ଗଠନ ହୋଇଥାଏ। ମାତ୍ର ଦର୍ପଣଗୁଡ଼ିକ ଦର୍ଶକଙ୍କଠାରୁ ଭିନ୍ନ ଭିନ୍ନ କୋଣରେ ଥିବାରୁ ପ୍ରତିଫଳିତ ରଶ୍ମି ଅଲଗା ଅଲଗା ଦିଗରୁ ଦର୍ଶକର ଚକ୍ଷୁରେ ପ୍ରବେଶ କରିଥାଏ । ସୁତରାଂ ଦର୍ଶକଠାରୁ ଅଲଗା ଅଲଗା ଦିଗରେ ଥିବା ଦର୍ପଣଗୁଡ଼ିକରେ ଗୋଟିଏ ପ୍ରତିବିମ୍ବ ପରିବର୍ତ୍ତେ ପୃଥକ୍ ପୃଥକ୍ ପ୍ରତିବିମ୍ବମାନ ସୃଷ୍ଟି ହୁଏ । ଏହିପରି ଭାବରେ ତୁ ଦଶଟି ଅଲଗା ଅଲଗା କୋଣରେ ଆନତ ଥିବା ଦର୍ପଣରେ ରାବଣ ଭଳି ତୋର ଦଶଟି ପ୍ରତିବିମ୍ବ ଦେଖିପାରୁ । ଏହି ପ୍ରତିବିମ୍ବ ଗଠନ ସମତଳ ଦର୍ପଣରେ ପ୍ରତିଫଳନର ଦ୍ୱିତୀୟ ନିୟମ ଅନୁସାରେ ହୋଇଥାଏ ।''

ମୁନା ସେଇଠୁ ବାପାଙ୍କୁ ପଚାରିଲା, ''ବାପା ! ଏକ ସମତଳ ଦର୍ପଣରେ ପ୍ରତିବିମ୍ବ ଗଠନର ପ୍ରତିଫଳନ ସଂକ୍ରାନ୍ତ ଦ୍ୱିତୀୟ ନିୟମଟି କ'ଣ ?'' ବାପା କହିଲେ, ''କହୁଛି ଶୁଣ। ଏହି ନିୟମ ଅନୁସାରେ, କୌଣସି ସମତଳ ଦର୍ପଣରେ ଆଲୋକ ରଶ୍ମିର ପ୍ରତିଫଳନ କ୍ଷେତ୍ରରେ ଆପତନ କୋଣ ସର୍ବଦା ପ୍ରତିଫଳନ କୋଣ ସହିତ ସମାନ ହୋଇଥାଏ ।'' ମୁନା ପୁଣି ପଚାରିଲା, ''ନିୟମ ତ ବୁଝିପାରିଲି, ହେଲେ ଏହି ନିୟମଟି ପ୍ରଦର୍ଶନରେ ରାବଣ ପ୍ରତିବିମ୍ବର ଗଠନ ପାଇଁ କିପରି କାର୍ଯ୍ୟ କରୁଛି, ବୁଝାଇ କୁହନ୍ତୁ ।'' ବାପା କହିଲେ, ''ଭଲ ପ୍ରଶ୍ନଟିଏ ପଚାରିଲୁ, କହୁଛି ଶୁଣ। ବକ୍ରାକୃତି ପୃଷ୍ଠ ଉପରେ ସମତଳ ଦର୍ପଣଗୁଡ଼ିକ ଅଲଗା ଅଲଗା ତଳରେ ଖଞ୍ଜା ହୋଇଥିବାରୁ ସେଥିରେ ବସ୍ତୁରୁ ନିର୍ଗତ ଆଲୋକରଶ୍ମି ବିଭିନ୍ନ ଦିଗରେ ଆପତିତ ହୋଇ ଅଲଗା ଅଲଗା କୋଣ ସୃଷ୍ଟି କରିଥା'ନ୍ତି । ସୁତରାଂ ପ୍ରତିଫଳନର ଦ୍ୱିତୀୟ ନିୟମ ଅନୁସାରେ, ଦର୍ପଣଗୁଡ଼ିକରେ ପ୍ରତିଫଳନ କୋଣ ଅଲଗା ଅଲଗା ହୋଇଥାଏ। ଫଳରେ ଦର୍ପଣଗୁଡ଼ିକରୁ ଆଲୋକରଶ୍ମି ଅଲଗା ଅଲଗା ଦିଗରେ ପ୍ରତିଫଳିତ ହୋଇ ଦର୍ଶକଙ୍କ ଚକ୍ଷୁରେ ପ୍ରବେଶ କରିଥାଏ । ସୁତରାଂ ଦର୍ଶକ ନିଜର ପ୍ରତିବିମ୍ବକୁ ଅଲଗା ଅଲଗା ଦିଗରେ ଅବସ୍ଥାପିତ ଦର୍ପଣଗୁଡ଼ିକରେ ପୃଥକ୍ ପୃଥକ୍ ପ୍ରତିବିମ୍ବ ଆକାରରେ ଦେଖିପାରେ । ଏହିଭଳି ଭାବରେ ଦର୍ପଣ ସମୂହରେ ନିଜର ଦଶଟି ମୁଣ୍ଡ ଦେଖାଯାଇ ରାବଣର ବିଭ୍ରମତା ସୃଷ୍ଟି ହୁଏ।''

ବାପାଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ମୁନା ରାବଣ ପ୍ରଦର୍ଶନ ପଛରେ ଥିବା ରହସ୍ୟର କାରଣ ବୁଝିପାରିଥିଲା। ତେଣୁ ଘରକୁ ଫେରିଲା ବେଳକୁ ତା'ର ମନ ଭାରି ଖୁସି ଥାଏ।

**– ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ସାପ ମଣିଷ ଏକାଠି ରହୁଥିବା ଗାଁ



ଏମିତି ଏକ ଗାଁ ଅଛି , ଯେଉଁଠି ଲୋକଙ୍କ ଘରେ ବି ସାପ ଦେଖିବାକୁ ମିଳିଥାଏ। ଏଠାକାର ଲୋକ ସାପକୁ ଜମା ବି ଡରନ୍ତି ନାହିଁ। ଏମାନେ ସାପକୁ କୁକୁର ବିଲେଇ ପରି ଘରେ ପାଳିଥାନ୍ତି। ହେଲେ ଏକଥା ଆମେ ଜାଣୁ ଯେ ସାପ ଏକ ଭୟଙ୍କର ଜୀବ । ଅନ୍ୟପକ୍ଷରେ ଆମ ଦେଶରେ ଏପରି ଏକ ଗାଁ ଅଛି ଯେଉଁଠି ସାପକୁ ଆରାମରେ ପାଳିଥାନ୍ତି ଏବଂ ସାପଙ୍କ ସହିତ ମଧ୍ୟ ରହିଥାନ୍ତି। ମହାରାଷ୍ଟ୍ରରେ ଶେତଫଳ ନାମକ ଗାଁ ରହିଛି ଯାହାକୁ 'ସାପର ଗାଁ' ମଧ୍ୟ କୁହାଯାଏ। ଏଠାରେ ଏତେ ସଂଖ୍ୟାରେ ସାପ କାହିଁକି ଦେଖାଯାନ୍ତି କାରଣ ଏଠାକାର ଲୋକ ସାପକୁ ନିଜ ପରିବାରର ଏକ ଅଂଶ ଭାବରେ ଗ୍ରହଣ କରିନେଇଛନ୍ତି। ତା'ସହ ସାପକୁ ସେମାନେ ଶିବଙ୍କର ଅନ୍ୟ ଏକ ରୂପ ବୋଲି ମାନି ନେଇଛନ୍ତି। ଏହି ଗାଁର ଲୋକମାନେ ସାପକୁ କ୍ଷୀର ମଧ୍ୟ ପିଆଇଥାନ୍ତି। ଗାଁର ପିଲାମାନେ ସାପ ସହ ଖେଳିବା ସହ ସାପକୁ କେତେକେ ପୂଜା କରିଥାନ୍ତି। ଏହା ବ୍ୟତୀତ ଲୋକଙ୍କ ଘରେ, ବେଡରୁମ୍‌ରେ, ଗଛରେ, ବିଲବାଡିରେ ଏମାନଙ୍କୁ ଦେଖିବାକୁ ମିଳିଥାନ୍ତି । ଏଠାକାର ଲୋକଙ୍କ ମତରେ ସେମାନେ ସାପକୁ ଡରନ୍ତି ନାହିଁ କି ସାପ ତାଙ୍କର କୌଣସି କ୍ଷତି କରେ ନାହିଁ। ଏହି ଗାଁର ଇତିହାସ କୁହେ ଏଠାକାର ପୂର୍ବଜ ସାପକୁ ପାଳିଥିଲେ, ସେବେଠାରୁ ଗାଁରେ ଏହି ପ୍ରଥା ଚାଲୁ ରହିଛି।

# ଡୌନଟ୍ ମଝିରେ କଣା କାହିଁକି ଥାଏ



ପିଲାମାନେ, ଡୌନଟ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି। ଆଉ ଡୌନଟ୍ ଖାଇବା ସମୟରେ ଦେଖିଥିବ ଯେ, ଏହା ମଝିରେ ଏକ କଣା ଥାଏ। ଏହାର କାରଣ କ'ଣ ତା' ସମ୍ପର୍କରେ ସୂଚନା ଦେଉଛୁ। ପ୍ରଥମେ ପ୍ରଥମେ ଯେତେବେଳେ ଡୌନଟ୍ ପ୍ରସ୍ତୁତ ହେଉଥିଲା ସେତେବେଳେ ଏହା ମଧ୍ୟରେ କଣା ନ ଥିଲା ଏବେ କିନ୍ତୁ କଣା ହେଉଛି । ପ୍ରକୃତ କାରଣ ହେଲା ଏହାକୁ ପ୍ରସ୍ତୁତ କରିବା ସମୟରେ ବାହାର ଭାଗ ଭଲ ଭାବେ ସିଝି ଯାଉଥିବା ବେଳେ ଭିତର ଭାଗ କଞ୍ଚା ରହିଯାଉଥିଲା, ଫଳରେ ଡୌନଟ୍ ଭଲ ଲାଗୁ ନ ଥିଲା। ପ୍ରଥମେ ଆମେରିକାର ଏକ ଜାହାଜର କ୍ୟାପ୍‌ଟେନ୍ ହ୍ୟାନସନ୍ ଗ୍ରେଗରୀ ଏହି ସମସ୍ୟାକୁ ପରଖି ଦେଖିଥିଲେ। ସେ ଯେତେବେଳେ ଡୌନଟ୍ ଖାଇବାକୁ ଆରମ୍ଭ କଲେ ଦେଖିଲେ ଡୌନଟ୍ ଠିକ୍‌ସେ ଫ୍ରାଏ ହୋଇନି, ଏଥିପାଇଁ ସେ ମଝିରୁ ଅଟା କାଢ଼ିବାର ଆଇଡିଆ ଡୌନଟ୍ ପ୍ରସ୍ତୁତ କରୁଥିବା ଲୋକଙ୍କୁ କହିଲେ। ଫଳରେ ମଝିଭାଗ ଡୌନଟ୍ ଭଲ ସେ ସିଝିବାକୁ ଲାଗିଲା। ୧୮୪୭ରେ ଡୌନଟ୍ ମଝିରେ କଣା କରାଗଲା। ଏହାକୁ ଏକ ପ୍ରକାର ଫ୍ରାଏଡ୍ କେକ୍ ମଧ୍ୟ କୁହାଯାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଅଟା,ସହିତ ପାଣି, କ୍ଷୀର, ଅଣ୍ଡା, ଚିନି ଏବଂ ତେଲର ଆବଶ୍ୟକ ପଡିଥାଏ।

# ଆଇନା



ଖୁଶଦୀପ କୁମାର ସାହୁ

୫ ବର୍ଷ/ଝାରସୁଗୁଡ଼ା



ପିଉ ପ୍ରିୟଦର୍ଶିନୀ ସାମଲ

୯ ବର୍ଷ/କେନ୍ଦ୍ରାପଡ଼ା